ଏପିସୋଡ ୭

# ଜଳବାୟୁ ପରିବର୍ତ୍ତନ: ବାସ୍ତବତା ନା କାଳ୍ପନିକ


ମୂଳ ରଚନା: ଶିବାନୀ ଡାଗେ

ଓଡ଼ିଆ ରୂପାନ୍ତର: ସୃଜନିକା, ଭୁବନେଶ୍ୱର


ଜଳବାୟୁରେ ହେଉଥିବା ପରିବର୍ତ୍ତନ ବାସ୍ତବତା ନା କାଳ୍ପନିକ। ବୈଜ୍ଞାନିକଙ୍କ ମତରେ ଏହା ଏକ ନିଷ୍ଠୁର ସତ୍ୟ, କିନ୍ତୁ ଗୋଟିଏ ବିକଶିତ ରାଷ୍ଟ୍ରର ରାଷ୍ଟ୍ରପତିଙ୍କ ମତରେ ଏହା କେବଳ ଅଙ୍କର ଖେଳ, ଏଥିରେ କୌଣସି ସତ୍ୟତା ନାହିଁ। ଆସନ୍ତୁ ଶୁଣିବା ସତ୍ୟ କ'ଣ?

| | | |
|---|---|---|
| ପାତ୍ର | ଶିକ୍ଷା ସୂତ୍ରଧର | |
| | ପରିବେଶ ବିଜ୍ଞାନୀ | ରାକେଶ ଏବଂ ରିତେଶ |
| | ପାଣିପାଗ ବିଜ୍ଞାନୀ | ଶୈଳଜା |
| | ସରକାରୀ ଅଧିକାରୀ | ସୌରଭ |
| | ଦର୍ଶକ | ନିତା, ଅମୀୟ, ସାଇ, କିର୍ତ୍ତୀ, ନୀତାଙ୍କ ବାପା |

ସଙ୍ଗୀତ

ଶିକ୍ଷା: ନମସ୍କାର। ଆପଣମାନଙ୍କୁ ସ୍ୱାଗତ। ଆଜି ଆମେ ସମ୍ବାଦ ନୁହେଁ, ବରଂ ତଥ୍ୟ ବିଶ୍ଳେଷଣ କରିବା, ସତରେ ପରିବେଶ ଏତେ ବିଗିଡ଼ିଯାଉଛି କି, ଏଥିରେ କି ପ୍ରକାର ପରିବର୍ତ୍ତନ ହେଉଛି। ଏହି ପରିବର୍ତ୍ତନ କେତେ ବିପଦଜନକ ବା କେବଳ ପରିସଂଖ୍ୟାନର ଖେଳ, ଯେମିତିକି ଲୋକଙ୍କ ଧ୍ୟାନ ଆକର୍ଷିତ କରିହେବ। ଆଜି ଆମର ଏହି କାର୍ଯ୍ୟକ୍ରମକୁ ଜଣାଶୁଣା ପରିବେଶବିତ୍ ଡ. ରିତେଶ ଆଉ ଡ. ରାକେଶ ଆସିଛନ୍ତି, ଆଉ ତାଙ୍କ ସହିତ ଅଛନ୍ତି ପାଣିପାଗ ବିଶାରଦ ଏବଂ ନୀତି ନିର୍ଦ୍ଧାରକ ଇଞ୍ଜିନିୟର ସୌରଭ, ନିତା, ଏବଂ ତାଙ୍କ ବାପା। ସମସ୍ତଙ୍କୁ ସ୍ୱାଗତ କରିବା ସହିତ ମୁଁ ଡ. ରାକେଶଙ୍କୁ ଅନୁରୋଧ କରୁଛି ଯେ ସେ ଏବିଷୟରେ କିଛି ସୂଚନା ଦେବେ।

ସାଇ/କିର୍ତ୍ତୀ: ଡ, ରାକେଶ ସାର୍, ଆପଣଙ୍କୁ ଆଉ ଅନ୍ୟ ବିଶେଷଜ୍ଞମାନଙ୍କୁ ଆମର ନମସ୍କାର। ଆମେ ହାଇସ୍କୁଲ ଛାତ୍ର ଏବଂ ଆମ ସାର୍ ଆମକୁ କହିଛନ୍ତି ଯେ ଏହା ବହୁତ ଜଟିଳ ପ୍ରକ୍ରିୟା। ଆଶାକରୁଛୁ ଆପଣମାନଙ୍କ ସହ ଆଲୋଚନା କରି ଆମେ ଏ ବିଷୟରେ ଆହୁରି ଭଲଭାବରେ ବୁଝିପାରିବୁ।

ଶୈଳଜା: ମୁଁ ଏଥିରେ କିଛି ଯୋଡ଼ିବାକୁ ଚାହୁଁଛି। ବିଶ୍ୱର ବିଭିନ୍ନ ଦେଶର ପାଣିପାଗ ବିଜ୍ଞାନୀ ଯେଉଁ ତଥ୍ୟ ଏକାଠି କରନ୍ତି, ସେଥିରେ ସମାନତା ନ ଥାଏ। ଡ. ସୌରଭ, ଆମ ପାଖରେ ବିଭିନ୍ନ ଦେଶର ବିଶ୍ୱାସନୀୟ ତଥ୍ୟ ଅଛି କି?

ସୌରଭ: ଡ. ଶୈଳଜା, ଏହାର ଉତ୍ତର ବୋଧେ ନା ହେବ। ବିଶ୍ୱ ଉଷ୍ମାୟନ ବିଷୟ ଆଜିକାଲି ତର୍କରେ ପରିଣତ ହୋଇଗଲାଣି। ପରିବେଶ ସହିତ ମଣିଷ କରୁଥିବା ଅତ୍ୟାଚାର ଏବଂ ସରକାରଦ୍ୱାରା ଗ୍ରହଣ କରାଯାଇଥିବା ନୀତି ଏବେ ଯାଏଁ ବି ସ୍ପଷ୍ଟ ନୁହେଁ। ବୈଜ୍ଞାନିକମାନଙ୍କ ଭିତରେ ଗୋଟିଏ ସହମତି ହେଉଛି ପରିବେଶରେ ହେଉଥିବା ପରିବର୍ତ୍ତନର ଦୀର୍ଘମିଆଦୀ ପ୍ରଭାବ ପଡୁଛି। ଏସବୁ ମଣିଷର କ୍ରିୟାକଳାପ ଯୋଗୁ ହିଁ ହେଉଛି।

ଶିକ୍ଷା:    ଲୋକଙ୍କ ମନରେ ଏବେ ବି ସଂଶୟ ଅଛି। ଏସବୁ କ'ଣ ଗମ୍ଭୀର ରୂପରେ ହେଉଛି, ଭବିଷ୍ୟତରେ ଏହା ବିପଦଜନକ ହୋଇପାରେ କି?ଏହାକୁ ଅଟକାଇବା ପାଇଁ କି ଉପାୟ ଥାଇପାରେ? ନୀତା ତମେ କହିପାରିବ କି ବିଶ୍ୱର କେଉଁ ସଂସ୍ଥା ଏ ଦିଗରେ କାମ କରୁଛି।

ନୀତା:    ଧନ୍ୟବାଦ ମ୍ୟାଡାମ। କଲେଜରେ ଆମକୁ କୁହାଯାଇଥିଲା ଯେ ଏସବୁ ସଂସ୍ଥାମାନେ ହେଲେ, ଡବ୍ଲୁଏମଓ ଅର୍ଥାତ ବିଶ୍ୱ ପାଣିପାଗ ସଂଗଠନ, ୟୁଏନଓ ବା ଜାତିସଂଘ, ଏବଂ ୟୁଏନଡିପି ବା ସଂଯୁକ୍ତ ରାଷ୍ଟ୍ର ବିକାଶ କାର୍ଯ୍ୟକ୍ରମ। ଏହାଛଡ଼ା ଆହୁରି ବି କିଛି ସଂସ୍ଥା କାମ କରୁଛନ୍ତି ଯେମିତି ରୟାଲ ସୋସାଇଟି, ଆମେରିକାନ୍ ଜିଓଫିଜିକାଲ୍ ୟୁନିଅନ। ଏସମସ୍ତଙ୍କର କହିବା କଥା ଯେ ଗତ ୫୦ ବର୍ଷରେ ତାପୀୟ ବାଷ୍ପର ପ୍ରଭାବ ବହୁତ ବଢ଼ିଯାଇଛି।

ଅମୀୟ:   ଠିକ କଥା। କିନ୍ତୁ ଆମକୁ ଏକଥା ବି କୁହାଯାଇଛି ଯେ ଅନେକ ବୈଜ୍ଞାନିକ ଏଥିରେ ଏକମତ ନୁହନ୍ତି। ସବୁଜକୋଠରୀ ବାଷ୍ପ ବିଷୟରେ ବହୁତ ଆଲୋଚନା ହେଉଛି। ଏଇଟା କ'ଣ? କେମିତି ସୃଷ୍ଟି ହୁଏ ଆଉ ଆମ ପରିବେଶ ଉପରେ ଏହାର କି ପ୍ରଭାବ ପଡ଼େ?

ଶିକ୍ଷା:    ସାଧାରଣ ମଣିଷ ଆଜି ଭ୍ରମରେ ବଞ୍ଚୁଛି। ତାକୁ ପରିବେଶରେ ହେଉଥିବା ପରିବର୍ତ୍ତନ ବିଷୟରେ କହିବା ବହୁତ ଜରୁରୀ। ଏହି ପରିବର୍ତ୍ତନର ପ୍ରଭାବ ତାଙ୍କ ଜୀବନ ଉପରେ ପଡୁଛି। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ନୂଆ ନୂଆ ସମସ୍ୟା ଆସୁଛି। ଡ. ରିତେଶ ଏ ବିଷୟରେ ଅଧିକ କହିପାରିବେ।

ରିତେଶ:  ପାଞ୍ଚଟି ମୁଖ୍ୟ ବିଷୟ ରହିଛି ଯାହା ଉପରେ ଆଲୋଚନା କରିବା ଠିକ ହେବ। ପ୍ରଥମ ହେଲା ତାପମାତ୍ରା ବଢ଼ିବା। ତାପମାତ୍ରା ଯେତେ ଯେତେ ବଢୁଛି, ଗରମ ପବନର ପ୍ରଭାବ ବଢୁଛି। ଏଥିରେ ଲୁ ବୋହିବା, ଶରୀରରେ ପାଣି କମିଯିବା, ଏବଂ ଶରୀରର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ପ୍ରଭାବିତ ହେଉଛି। ପିଲା,

ବୟସ୍କ ଲୋକ ଏବଂ ଗରିବ  ଅଭାବଗ୍ରସ୍ତ ଲୋକ ଏଥିରେ ଅଧିକ ପ୍ରଭାବିତ ହେଉଛନ୍ତି। ଦ୍ୱିତୀୟ ହେଉଛି ଜଳଚକ୍ର। ତାପମାତ୍ରା ବଢ଼ିବାରୁ ମରୁଡ଼ି ହେବା, ହାହାରି ବୃଷ୍ଟିପାତ କମିବା, ଫଳରେ ଜଳର ଅଭାବ ଦେଖାଦେଉଛି। ଜଳ ହିଁ ଜୀବନ ଏବଂ ଜୀବନର ମୌଳିକ ଆବଶ୍ୟକତାକୁ ପୂରଣ କରିଥାଏ। ଆଗାମୀ ସମୟରେ ବିଶୁଦ୍ଧ ପାଣିର ଅଭାବ ଭଳି ଗୁରୁତର ସମସ୍ୟାର ସାମନା ଆମକୁ କରିବାକୁ ପଡ଼ିବ।

ଅମୀୟ:  ହଁ ସାର୍। ଆମର ଗୋଟିଏ ଅଧ୍ୟାୟରେ ପାଣିର ସମସ୍ୟା ଉପରେ ବିସ୍ତାର ପୂର୍ବକ ଆଲୋଚନା କରାଯାଇଛି। ଆମେରିକାର ସବୁଠାରୁ ବଡ଼ ହ୍ରଦ ମିଡ୍‌ରେ ପାଣି କମିଯାଇ ଅଧା ରହିଛି। ବିଶ୍ୱର ଅନେକ ସହରରେ ଏହି ସମସ୍ୟା ଆସିପାରେ। ଜଳବାୟୁ ପରିବର୍ତ୍ତନ ଯୋଗୁ ଜଳର ଉପଲବ୍ଧତା ବହୁତ ବିପଦରେ। ଉପକୂଳ ଅଞ୍ଚଳରେ ଝଡ଼ତୋଫାନ ଆଉ ଲହରୀର ପ୍ରଭାବ ବଢୁଛି।

ରିତେଶ: ଠିକ କହିଛ। ତମ ଜିଜ୍ଞାସାର ଉତ୍ତର ଅତି ଶିଘ୍ର ଏଠି ଆଲୋଚନା କରାଯିବ। ତୃତୀୟ ବିଷୟ ହେଉଛି ବିଶୁଦ୍ଧ ବାୟୁ। ପୃଥିବୀର ତାପମାତ୍ରା ବଢ଼ିବାରେ ସବୁଜକୋଠରୀ ବାଷ୍ପର ଭୂମିକା ବହୁତ ଅଧିକ। ଜୀବାଶ୍ମ ଇନ୍ଧନ ଜଳିବା ଯୋଗୁ ବିପଦଜନକ ବାଷ୍ପ ସହିତ ଅତି ଛୋଟ ଛୋଟ କଣିକା ବି ଉତ୍ସର୍ଜିତ ହେଉଛି। ଏସବୁ ଆମ ଫୁସଫୁସକୁ ଯାଉଛି ଆଉ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି। ଆଖି ପୋଡ଼ିବା, ଯକ୍ଷ୍ମା ହେବା, କାଶ, ଗଳା ଆଉ ଫୁସଫୁସର ସଂକ୍ରମଣ, କର୍କଟ ରୋଗ, ହୃତପିଣ୍ଡ ସହ ଯୋଡ଼ା ଅନେକ ରୋଗର ପ୍ରାଦୁର୍ଭାବ ବଢୁଛି।

ସାଇ/କିର୍ତ୍ତୀ:   ହେ ଭଗବାନ ! ଏ  ତ ବହୁତ ବିପଦଜନକ। ସମୟ ଆଗରୁ ସାବଧାନ ହେବା ବହୁତ ଜରୁରୀ।

ରିତେଶ: ଆଗକୁ ଯିବା। ପର ସମ୍ଭାବିତ ବିପଦ ହେଉଛି ରୋଗବାହକ ଦ୍ୱାରା ହେଉଥିବା ରୋଗର ବିପଦ ବଢ଼ିବା। ମଶା, ମାଛି, କୀଟପତଙ୍ଗ, ଅସରପା, ଟିଙ୍କ

ଆଦି ଭଳି ରୋଗବାହକଙ୍କ ଦ୍ୱାରା ହେଉଥିବା ରୋଗ । ତାପମାତ୍ରା ଯେତେ ଯେତେ ବଢ଼ିବ, କିଛି କୀଟଙ୍କ ସଂଖ୍ୟା କେତେ ଗୁଣ ବଢ଼ିଯିବ। ଇବୋଲା, ବାର୍ଡ ଫ୍ଲୁ ଭଳି ରୋଗର ପ୍ରଭାବ ବଢୁଛି। ଏହାଛଡ଼ା ଆଉ ଗୋଟିଏ କାରକ ହେଉଛି ଅତି ପାଣିପାଗ ବା ଏକ୍ସଟ୍ରିମ୍ ପାଣିପାଗ। ବନ୍ୟା, ତୋଫାନ, ଝଡ଼ ଏସବୁ ବି ଜଳବାୟୁ ପରିବର୍ତ୍ତନ ଯୋଗୁ ଆସୁଛି। ଏଥିରେ ଧନଜୀବନ ତ ନଷ୍ଟ ହେଉଛି , ଆହୁରି ଅନେକ ସମସ୍ୟା ବି ସୃଷ୍ଟି ହେଉଛି।

ଶିଳ୍ପା: ସବିସ୍ତାର ତଥ୍ୟ ଜଣାଇଥିବାରୁ ଡ. ରିତେଶ ଆପଣଙ୍କୁ ବହୁତ ଧନ୍ୟବାଦ। ଏଥିରୁ ସ୍ପଷ୍ଟ ଜଣାଯାଉଛି ଯେ ଜଳବାୟୁ ସମସ୍ୟା ରହିଛି। ଆଉ ଧୀରେ ଧୀରେ ଏହା ଗୁରୁତର ହେବାରେ ଲାଗିଛି। ଡ. ସୌରଭ, ଏହା ପଛରେ କାହାର ଭୂମିକା ରହିଛି?

ସୌରଭ: ଜଳବାୟୁ ପରିବର୍ତ୍ତନ ପଛରେ ଥିବା ବିଜ୍ଞାନ ବହୁତ ସାଧାରଣ ମନେହେଉଛି। ଦେଢ଼ଶହ ବର୍ଷ ପୂର୍ବେ ଆଇରିଶ ବୈଜ୍ଞାନିକ ଜୋହାନ ଟିଣ୍ଡାଲ , ସ୍ୱୀଡେନ ବିଜ୍ଞାନୀ ସ୍ୱାନ୍ତେ ଡେରିସେସ୍, ଭାରତର ଜଗଦୀଶ ଭଗବତୀ ଏବଂ ସୁସାନ ଜର୍ଜ ଆଦି ଜାଣିପାରିଥିଲେ ଯେ ବିଶ୍ୱରେ ଅଙ୍ଗାରକାମ୍ଳର ମାତ୍ରା ବଢୁଛି । ସେମାନେ ଏକଥା ବି କହିଥିଲେ ଯେ ଏହାଦ୍ୱାରା ତାପମାତ୍ରା ବଢ଼ିବା ନିଶ୍ଚିତ। କିନ୍ତୁ ଲମ୍ବା ସମୟ ଧରି ଏହା ତାତ୍ତ୍ୱିକ ହୋଇ ରହିଥିଲା। ସେଯାଏଁ ତାପମାତ୍ରାରେ ପରିବର୍ତ୍ତନ ନିଶ୍ଚିତ ରୂପରେ ଜଣାପଡ଼ି ନ ଥିଲା।

ନୀତା: ହଁ ମୋର ମନେପଡୁଛି। ଦଶମ ଶ୍ରେଣୀରେ ଆମର ପଢ଼ା ହୋଇଥିଲା। ପୃଥିବୀରେ ଶକ୍ତିର ଏକମାତ୍ର ଉତ୍ସ ହେଉଛି ସୂର୍ଯ୍ୟ। ଅବଲୋହିତ ରଶ୍ମି ଏହି ଶକ୍ତିର ଏକ ରୂପ। କିନ୍ତୁ ସବୁଜକୋଠରୀ ବାଷ୍ପର ପ୍ରଭାବ ଯୋଗୁ ଏହି ଶକ୍ତି ପୃଥିବୀରେ ହିଁ ରହିଯାଉଛି, ପ୍ରତିଫଳିତ ହୋଇ ଫେରିଯାଇ ପାରୁନାହିଁ।

ସୌରଭ: ହଁ ଏହା ଠିକ କଥା। ଏହା ବ୍ୟତୀତ ଆହୁରି ଅନେକ ଦିଗ ରହିଛି ଯାହା

ବିଷୟରେ ଜାଣିବା ଆବଶ୍ୟକ। ଜଳବାୟୁ ପରିବର୍ତ୍ତନ ଉପରେ ଗଠିତ ଆନ୍ତଃସରକାରୀ ପ୍ୟାନେଲ ବା ଆଇପିସିସି ଏହି ନିଷ୍କର୍ଷରେ ପହଞ୍ଚିଛି ଯେ ଅଙ୍ଗାରକାମ୍ଳ, ନାଇଟ୍ରସ୍ ଅକ୍ସାଇଡ ଏବଂ ମିଥେନ ଭଳି ବାଷ୍ପ ଗତ ପଚାଶ ବର୍ଷ ଭିତରେ ପୃଥିବୀର ତାପମାତ୍ରା ବଢ଼ାଇବାରେ ଶତକଡ଼ା ୯୫ ଭାଗ ଦାୟୀ। ଜନବସତି ବୃଦ୍ଧି, କଳକାରଖାନା ବଢ଼ିବା, ଜୀବାଶ୍ମ ଇନ୍ଧନ ଏବଂ ଯୋଜନାହୀନ ବିକାଶ ବିଶ୍ୱ ଉଷ୍ଣାୟନ ବଢ଼ାଇବାରେ ମୁଖ୍ୟ କାରକ।

ନୀତା ଏବଂ ସାଇ: ସାର୍, ଏଥିରେ ତ ଦ୍ୱିମତ ନାହିଁ। ବୈଜ୍ଞାନିକ ତଥ୍ୟ ବି ଏହା ପ୍ରମାଣିତ କରେ। ଏବେ ତ କାରିଗରୀ କୌଶଳ ଦ୍ୱାରା ବି ପ୍ରମାଣିତ କରାଯାଇ ସାରିଲାଣି ଯେ ଏହା ପଛରେ ସବୁଜକୋଠରୀ ବାଷ୍ପ ହିଁ ରହିଛି।

ଅମୀୟ: ସବା ପ୍ରଥମେ ଟିଣ୍ଡାଲ ହିଁ ଏହାର ପ୍ରମାଣ ଦେଇଥିଲେ। କିଛି ବୈଜ୍ଞାନିକଙ୍କ ମତରେ ଏହିଭଳି ପ୍ରୟୋଗ ପୃଥିବୀ ସାରା କରିବା ଦରକାର, ଯେପରି ଏ ଦିଗରେ ଆହୁରି ଅଧିକ ପ୍ରମାଣ ମିଳିପାରିବ।

ରାକେଶ: ହଁ, ଏହା ଠିକ ହେବ। ଜାଣି ଖୁସି ଲାଗିଲା ଯେ ଅମୀୟ ଆପଣଙ୍କର ବି ଏ ବିଷୟରେ ଆଗ୍ରହ ରହିଛି। ବାୟୁମଣ୍ଡଳରେ ବଢ଼ୁଥିବା ସବୁଜକୋଠରୀ ବାଷ୍ପ ଦେଖାଇବା ଏବେ ବହୁତ ସହଜ। ଏକଥାକୁ ଗୋଟିଏ ଉଦାହରଣ ନେଇ ବୁଝିବା ସହଜ ହେବ। ରେଳଗାଡ଼ିର ଗୋଟିଏ ଡବାର କ୍ଷମତା ଆମକୁ ଜଣା ଆଉ ତା ଗଠନ ବି ସେଇ ଅନୁସାରେ କରାଯାଇଛି। କିନ୍ତୁ କ'ଣ ଚଳନ୍ତା ଗାଡ଼ିରେ ଯାତ୍ରୀ ସଂଖ୍ୟା କମ୍ ବା ବେଶୀ କରିହେବ। ଡବା ଭିତରେ ଉପଲବ୍ଧ ସୁବିଧା ଏବଂ ସ୍ଥାନ ସୀମିତ। ଆଉ ଏଇ ନିୟମ ଆମ ପୃଥିବୀ ପାଇଁ ବି ଲାଗୁ ହୁଏ। ସାଧନ ସୀମିତ, ଯାହାକୁ ବଢ଼ାଇବା ସହଜ ନୁହେଁ, ବରଂ ଅସମ୍ଭବ।

ଶିକ୍ଷା: ଡ. ରାକେଶ, ମୋର ମନେପଡୁଛି। ଇଆନ ଜନଷ୍ଟନ୍ ୨୦୧୭ ମସିହା ଜୁଲାଇ ୪ ତାରିଖ ଦିନ ତାଙ୍କ ରିପୋର୍ଟରେ ଜଳବାୟୁ ପରିବର୍ତ୍ତନ ଉପରେ ପ୍ରଶ୍ନ

ଉଠାଇଛନ୍ତି। ବିଷ୍ୱ ଉଷ୍ମାୟନ ଏବଂ ଉତ୍ତପ୍ତ ହେଉଥିବା ପୃଥିବୀ ଉପରେ ପ୍ରଶ୍ନବାଚୀ ଠିଆ କରିଛନ୍ତି। ସେ ତାଙ୍କର ମତ। ଆଗକୁ କ'ଣ ହେବ ଏବଂ କେମିତି ଭବିଷ୍ୟତରେ ଏହାକୁ ସାମନା କରିହେବ ତା ଉପରେ ମଧ୍ୟ ସୂଚନା ଦେଇଛନ୍ତି। ଜଳବାୟୁ ପରିବର୍ତ୍ତନ କ'ଣ ଏତେ ବଡ଼ ସମସ୍ୟା, ଯଦି ଏହି ପରିବର୍ତ୍ତନ ନାଁ କୁ ମାତ୍ର ହେବ, ତାହେଲେ କ'ଣ କରାଯିବ।

ରାକେଶ: ବିଭିନ୍ନ ଲୋକଙ୍କର ଚିନ୍ତାଧାରା ଅଲଗା ପ୍ରକାର। ବିଶ୍ୱ ଉଷ୍ମାୟନ ପଲିସି ସଂସ୍ଥାର ମତ ବହୁତ ଅସ୍ପଷ୍ଟ। ପରିବର୍ତ୍ତନ ତ ହେଉଛି ଏଥିରେ ଏକମତ। କିନ୍ତୁ ଏହାର ପ୍ରଭାବ କି ଭଳି ଭାବରେ ହେବ ତାହା ସ୍ପଷ୍ଟ ନୁହେଁ। ଏମାନଙ୍କ ମତରେ, ଏଇଟା ଏତେ ବଡ଼ କିଛି ସମସ୍ୟା ନୁହେଁ, ଜୀବାଷ୍ମ ଇନ୍ଧନ ବ୍ୟବହାର ବନ୍ଦ କରିବା ଉଚିତ ହେବନାହିଁ। ସେମାନେ କହନ୍ତି, ଏହାର ପ୍ରଭାବ ଲାଭଦାୟକ, ପୃଥିବୀର ସବୁଜତା ବଢ଼ାଇବାରେ ଏହା ସହାୟକ ହେବ। ଏହାକୁ ସେମାନେ ବିଶ୍ୱ ସବୁଜତା କହୁଛନ୍ତି। କାରଣ ବାୟୁରେ ଅଙ୍ଗାରର ପରିମାଣବଢ଼ିଲେ ଗଛଲତା ଭଲରେ ବଢ଼ିବେ।

ସୌରଭ: ଆଉ କିଛି ବିଶେଷଜ୍ଞଙ୍କ ମତରେ ଜୈବବିବିଧତା ବିନାଶ ଆଡ଼କୁ ଗତି କରୁଛି। ହୋଇପାରେ ମାନବ ସଭ୍ୟତା ପୃଥିବୀର ମେରୁଅଞ୍ଚଳ ଭଳି କିଛି ସୀମିତ ଅଞ୍ଚଳରେ ହିଁ ରହିଯିବ।

ଶିକ୍ଷା: ଦୁହିଁଙ୍କର ଦୃଷ୍ଟିକୋଣ ଅଲଗା। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଭୌତିକ ବିଜ୍ଞାନର ପ୍ରଫେସର ଟିମ୍ ପଲମରଙ୍କ ମତରେ ଏହି ପ୍ରଭାବ ଅତି ସାମାନ୍ୟରୁ ଆରମ୍ଭ କରି ଅତି ଗୁରୁତର ଏବଂ ବିପଦଜନକ ବି ହୋଇପାରେ। ଡ. ରାକେଶ ଏହାକୁ କମ୍ପ୍ୟୁଟର ମଡେଲ ସାହାଯ୍ୟରେ ଭଲ ଭାବରେ ବୁଝାଇ ପାରିବେ।

ରାକେଶ: ଧନ୍ୟବାଦ ଶିକ୍ଷା। କମ୍ପ୍ୟୁଟର ମଡେଲ ବିଷୟରେ ମୋର ମତ ମୁଁ ଆପଣଙ୍କ ସହ ବାଣ୍ଟିବାକୁ ଚାହିଁବି। କମ୍ପ୍ୟୁଟର ମଡେଲ ଗଣିତ, ପଦାର୍ଥ ବିଜ୍ଞାନର ସିଦ୍ଧାନ୍ତ

ଏବଂ ଉପଲବ୍ଧ ଜ୍ଞାନର ସମାବେଶରେ ପ୍ରସ୍ତୁତ କରାଯାଏ। ଗଣନା ଆଧାର କରି ଦେଖାଯାଇଛି ଯେ ପୃଥିବୀରେ ଅଙ୍ଗାରକାମ୍ଳର ପରିମାଣ ଦୁଇଗୁଣ ହୋଇଗଲେ ତାପମାତ୍ରା ୧.୫ରୁ ୫ ଡିଗ୍ରୀ ସେଲସିଅସ ଯାଏଁ ବଢ଼ିପାରେ। ଗତ ତୁଷାରଯୁଗଠାରୁ ଆରମ୍ଭ କରି ଏଯାଏଁ ଏହା ସ୍ଥିର ରହିଛି। ୨୦୦୭ ମସିହାରେ ଏହା ସଠିକ ମପାଯାଇଥିଲା ଯେ ୩୮୪ ପିପିଏମ୍ ଥିଲା। କ୍ୟୋଟୋ ପ୍ରୋଟୋକଲ୍ ତିନୋଟି ମୁଖ୍ୟ ସବୁଜକୋଠରୀ ବାଷ୍ପକୁ ଗ୍ରହଣ କରିଛି ସେଗୁଡ଼ିକ ହେଲା ଅଙ୍ଗାରକାମ୍ଳ, ମିଥେନ ଏବଂ ନାଇଟ୍ରସ୍ ଅକ୍ସାଇଡ । ଯଦି ଆମେ ଏବେଠାରୁ ଠିକ ପଦକ୍ଷେପ ନ ନେବା ତାହେଲେ ଏହାର ପରିମାଣ ଅତି ଶୀଘ୍ର ଦୁଇଗୁଣ ବା ୫୬୦ ପିପିଏମେ ହୋଇଯାଇପାରେ।

ଶିକ୍ଷା: ଡ. ରାକେଶ, ଏ ମଡେଲ ବେଳେ ବେଳେ ଜଳବାୟୁ ପରିବର୍ତ୍ତନ ବିରୁଦ୍ଧରେ ସ୍ୱର ଉଠାଉଥିବା ଦଳଙ୍କ ପାଇଁ ଥଟ୍ଟା କଥା ହୋଇ ରହିଯାଏ। ଏହାର ବିଶ୍ଳେଷଣ ଆଉ ପରିଣାମ ଉପଲବ୍ଧ ତଥ୍ୟ ଉପରେ ନିର୍ଭର କରେ। ତଥାପି ଏହା ବେଶ୍ ସଠିକ ହୁଏ। ଆର୍‌ହେନିସେସ୍ ଅନୁମାନ ଲଗାଇଛନ୍ତି ଯେ ମେରୁ ଅଞ୍ଚଳରେ ଆଶାର ବିପରୀତ ବହୁତ ଶୀଘ୍ର ଗରମ ହେବ। କମ୍ପ୍ୟୁଟର ମଡେଲ ମଧ୍ୟ ଏହି କଥା ହିଁ କହୁଛି।

ଶିକ୍ଷା: ଆପଣମାନଙ୍କ ବହୁତ ବହୁତ ଧନ୍ୟବାଦ। ବନ୍ଧୁଗଣ। ଏବେ ଏହା ସ୍ପଷ୍ଟ ହୋଇଗଲାଣି ଯେ ସବୁଜକୋଠରୀ ବାଷ୍ପର ଉତ୍ପାଦନ ଏବଂ ପରିମାଣ ଆମ ବାୟୁମଣ୍ଡଳରେ ବଢୁଛି। ଜୀବାଶ୍ମ ଇନ୍ଧନର ବ୍ୟବହାର ଯେତେ ଶୀଘ୍ର ସମ୍ଭବ କମ୍ କରିବା ଦରକାର। ଏହା ଫଳରେ ପ୍ରାକୃତିକ ବିପର୍ଯ୍ୟୟର ବିପଦରୁ ରକ୍ଷା ମିଳିପାରେ। କିଛି ଅଞ୍ଚଳରେ ତ ଅତ୍ୟଧିକ ଗରମ ବା ଥଣ୍ଡା ଯୋଗୁ ମଣିଷର ରହିବା ଅସମ୍ଭବ ହୋଇପଡ଼ିଲାଣି। ଡ. ସୌରଭ ଆପଣ କିଛି କହିବେ କି?

ସୌରଭ: କିଛି ବୈଜ୍ଞାନିକ ସନ୍ଦେହ ପ୍ରକଟ କରିଛନ୍ତି ଯେ ବିଶ୍ୱ ଉଷ୍ମାୟନ ଚକ୍ରାନ୍ତ

ଅବଧାରଣାର ଫଳ। ଏଠାରେ ତଥ୍ୟକୁ ଭୁଲ ଭାବରେ ଦର୍ଶାଯାଏ ଏବଂ ନିଜ ଇଚ୍ଛା ଅନୁସାରେ ପରିଣାମ ଦେଖାଇ ଦିଆଯାଏ ଯେମିତିକି ବିରୋଧର ସ୍ୱରକୁ ଦବେଇ ଦିଆଯାଇପାରିବ। ଏହାଦ୍ୱାରା ରାଜନୈତିକ ଏବଂ ସାମାଜିକ ସ୍ତରରେ ମତାମତକୁ ଦାବିଦେବା କିମ୍ବା ସହାୟତା ଦେବା ସହଜ ହୋଇଯାଏ। ବିଶ୍ୱ ଉଷ୍ମାୟନ ବିରୁଦ୍ଧରେ ମତ ଦେଉଥିବା ଲୋକଙ୍କ ମତ ହେଉଛି ଏସବୁ ହେଉଛି ଧନବଳ ଆଉ ରାଜନୈତିକ ବେପାର କରିବା ଲୋକଙ୍କର ଖେଳ।

ରାକେଶ: ଆଇପିସିସିର ନିଷ୍କର୍ଷ ହେଉଛି ୧୭୫୦ ମସିହା ପରେ ବିଶ୍ୱ ଉଷ୍ମାୟନର ମୁଖ୍ୟ କାରକ ହେଉଛି  ଅଙ୍ଗାରକାମ୍ଳ ବାଷ୍ପର ଉତ୍ସର୍ଜନ।

ଶିଳ୍ପା: ଏବର୍ଷ କେରଳରେ ଆସିଥିବା ବନ୍ୟାକୁ ଉଦାହରଣ ଭାବରେ ନେଇପାରିବା। ଏସବୁ ମଣିଷର କ୍ରିୟାକଳାପ ବୋଲି କୁହାଯାଇ ପାରିବ। ଅତ୍ୟଧିକ ନିର୍ମାଣ କାର୍ଯ୍ୟ, ଖଣି ଖୋଳା, ଗଛ କାଟିବା ଏହାର ମୁଖ୍ୟ କାରଣ। ପାଣି ଯିବାର ପ୍ରାକୃତିକ ବାଟକୁ ଆମେ ବନ୍ଦ କରିଦେଲେ। ଅନ୍ୟ ଦିଗରେ ଲୋକଙ୍କର ଥଇଥାନ ଯାହା କି ଜରୁରୀ ସେଥିପାଇଁ ଅଧିକ ଅର୍ଥ ଖର୍ଚ୍ଚ କଲେ।

କିର୍ତ୍ତୀ: ମ୍ୟାଡାମ ଆପଣ ଯାହା କହିଲେ ମୁଁ ବୁଝିପାରିଲି ନାହିଁ। ଦୟାକରୀ ଆଉ ଥରେ ବୁଝାଇ ଦିଅନ୍ତୁ।

ଶିଳ୍ପା: ପରିବେଶର ବିପଦର ଗୁରୁତ୍ୱକୁ ଭୂଭୌତିକ, ଜୈବିକ, ସାମାଜିକ ଏବଂ ଆର୍ଥିକ ରୂପରେ ହେଉଥିବା ପରିବର୍ତ୍ତନ ରୂପରେ ଦେଖାଯାଇ ପାରିବ । ସମୁଦ୍ର କୂଳରେ ଥିବା ସହର , ଚାଷଜମି ଏବଂ ଜନସଂଖ୍ୟା ଆଦିରେ ଆସୁଥିବା ପରିବର୍ତ୍ତନକୁ  ଏସବୁର କାରଣ ବୋଲି ବୁଝାଯାଇପାରେ।

ରାକେଶ: ଠିକ କହିଛନ୍ତି ଶିଳ୍ପା । ଏହାର ସବୁଠାରୁ ଭଲ ଉଦାହରଣ ହେଉଛି ପଶ୍ଚିମଘାଟ। କସ୍ତୁରୀରଙ୍ଗନ କମିଟି ତାଙ୍କ ରିପୋର୍ଟରେ ବିକାଶ ଆଉ ପରିବେଶ

ଭିତରେ ସନ୍ତୁଳନ ରଖିବା ପାଇଁ ପରାମର୍ଶ ଦେଇଛନ୍ତି। ଗାଡଗିଲ ପ୍ୟାନେଲ ପଶ୍ଚିମଘାଟକୁ ସୁରକ୍ଷିତ ରଖିବା ପାଇଁ ୧୪୨ଟି ଜିଲ୍ଲା ଉପରେ ବିଶେଷ ଭାବରେ ଧ୍ୟାନ ଦେବା ପାଇଁ କହିଛନ୍ତି।

ସୌରଭ: କିନ୍ତୁ ଏଠି କହିରଖିବା ଉଚିତ ହେବ ଯେ କେନ୍ଦ୍ର ସରକାର ମାଧବ ଗାଡଗିଲ ରିପୋର୍ଟକୁ ଗ୍ରହଣ କରିବା ପାଇଁ ମନା କରିଦେଇଛନ୍ତି। ଏସବୁ ବଡ଼ ବଡ଼ ଜମି ମାଫିଆଙ୍କ ଚାପରେ କରାଯାଇଛି। ଏହା ବିରୁଦ୍ଧରେ ଧାରଣା ଆୟୋଜନ କରାଯାଉଛି। ଚାଷୀମାନଙ୍କ ମନରେ ଭ୍ରମ ସୃଷ୍ଟି କରାଯାଉଛି ଯେ ଏହି ରିପୋର୍ଟ ସେମାନଙ୍କ ସ୍ୱାର୍ଥବିରୋଧୀ।

କିର୍ତ୍ତୀ/ଅମୀୟ: ଏଭଳି କୁପରିଚାଳନାର କିଛି ଅନ୍ୟ ଉଦାହରଣ ରହିଛି କି?

ଶିଳ୍ପା: ଏଥିରେ ମୁମ୍ବାଇ ସହରକୁ ନିଆଯାଇପାରେ। ଅନ୍ୟ ସହର ତୁଳନାରେ ଏଠାରେ ପାଣି ଖର୍ଚ୍ଚ ବହୁତ ଅଧିକ। ଘରମାନଙ୍କରୁ ବାହାରୁଥିବା ମଇଳା ପାଣି ବେକାରରେ ବୋହିଯାଏ। କାରଣ ଏହାକୁ ପରିଷ୍କାର କରି ପୁନଃଚକ୍ରଣର କୌଣସି ବ୍ୟବସ୍ଥା ନାହିଁ। ମହାସାଗରରେ ପ୍ରଚୁର ପାଣି ରହିଛି, କିନ୍ତୁ ସେସବୁ ନିତିଦିନିଆ କାମରେ ଲାଗେନାହିଁ। ବରଂ ତାକୁ ପ୍ରଦୂଷିତ କରାଯାଉଛି। ପୃଥିବୀର ସୁରକ୍ଷା ପାଇଁ ମଣିଷ ସମାଜକୁ ବଞ୍ଚେଇ ରଖିବା ପାଇଁ ଆମକୁ ପାଣି ସଞ୍ଚି ରଖିବାକୁ ହେବ।

ରିତେଶ: ଡ. ଶିଳ୍ପା, ଆପଣଙ୍କ କଥା ପୂରା ଠିକ। ଆମେ ଅଳ୍ପ ଦୂର ଯିବା ପାଇଁ କାର୍ ବ୍ୟବହାର କରୁଛେ। ସାଇକେଲ ଚଲାଇବା ତ ଆମେ ଭୁଲିଗଲେଣି। ଆମକୁ ସରଳ ଜୀବନ ଆଉ ଉଚ୍ଚ ଚିନ୍ତାଧାରା - ଏହି ସିଦ୍ଧାନ୍ତ ଅନୁସାରେ ଚଳିବାକୁ ହେବ।

ନୀତା/ସାଇ: ବିଜୁଳି ବ୍ୟବହାର ବି ଆମକୁ କମେଇବାକୁ ହେବ। ଅଣପାରମ୍ପରିକ

ପ୍ରଦୂଷଣହୀନ ଶକ୍ତି ଉପରେ ଅଧିକ ଜୋର ଦେବାକୁ ହେବ। ଏଥିରେ ସବୁଜକୋଠରୀ ବାଷ୍ପ ଉତ୍ସର୍ଜନ କମ୍ ହେବ। ପେଟ୍ରୋଲ ଆଉ ଡିଜେଲ ବ୍ୟବହାର କମେଇବାକୁ ପଡ଼ିବ।

ଶିକ୍ଷା: ବହୁତ ଭଲ କଥା। ଏସବୁ କଥାର ସାରାଂଶ ଏଇଆ ବାହାରୁଛି ଯେ ଜଳବାୟୁ ପରିବର୍ତ୍ତନ ଏବଂ ଏହାର କାରଣ ବିଷୟରେ ବୁଝିବା ପାଇଁ ବିଜ୍ଞାନ ଆମକୁ ଅନେକ କିଛି ସାହାଯ୍ୟ କରିଛି। ଆଜିର ଆଲୋଚନାରେ ଉଚିତ ବିଷୟ ଉଠାଯାଇଛି। ଆମକୁ କ'ଣ କରିବାକୁ ହେବ, କାହିଁକି କରିବାକୁ ହେବ ଏବଂ କିପରି କରିବାକୁ ହେବ ତା ଆମେ ବୁଝିପାରୁଛେ। ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକ କାରିଗରୀ କୌଶଳ ଗ୍ରହଣ କରିବାକୁ ହେବ ଏବଂ ସେଇ ଅନୁସାରେ ପଦକ୍ଷେପ ନେବାକୁ ହେବ। ନିର୍ମାଣକାରୀ ଏବଂ ପଲିସି ନିର୍ଦ୍ଧାରକମାନେ ଏ ବିଷୟରେ ଭଲ ଭାବରେ ଜାଣିବା ଉଚିତ। ଜଳବାୟୁ ଗୋଟିଏ ଅତି ଜଟିଳ ବିଷୟ। ଏହାକୁ ବୁଝିବା ଆଉ ଜାଣିବା ପାଇଁ ନିଶ୍ଚୟ ସମୟ ଲାଗିବ।

ରିତେଶ: ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅଧିକରୁ ଅଧିକ ତଥ୍ୟ ଏକାଠି କରିବା ଯେମିତିକି ସଠିକ କମ୍ପ୍ୟୁଟର ମଡେଲିଂ ଆଉ ବିଶ୍ଳେଷଣ କରାଯାଇପାରିବ। ଜଳବାୟୁ ପରିବର୍ତ୍ତନକୁ ବୁଝିବା ସହଜ ହୋଇଯିବ। ଅନେକ କିଛି ଆମେ ଏବେ ବୁଝିପାରୁଛେ। କିନ୍ତୁ ଏବେ ବି ଲମ୍ବା ରାସ୍ତା ରହିଛି।

ଶିକ୍ଷା: ଆପଣମାନଙ୍କୁ ଆମର ହାର୍ଦ୍ଦିକ ଧନ୍ୟବାଦ, ବିଶେଷ କରି ବିଶେଷଜ୍ଞମାନଙ୍କୁ। ସମସ୍ତଙ୍କର ସକ୍ରିୟ ସହଯୋଗରୁ ଆମର ଆଲୋଚନା ବହୁତ ସଫଳ ରହିଲା ଏବଂ କିଛି ବାଟ ବାହାର କରିବା ଦିଗରେ ସାହାଯ୍ୟ କଲା। ଠିକ ଭାବରେ ବୁଝି କାମ କଲେ ଆମର ଏଇ ଗ୍ରହକୁ ଆମେ ବଞ୍ଚେଇ ପାରିବା। ଏଥିପ୍ରତି ଲୋକଙ୍କୁ ସଚେତନ କରିବା ବହୁତ ଜରୁରୀ।